# NATIONAL NEWS BULLETIN (ODIA)

## 23 February - 2026

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଇସ୍ରାଏଲ୍ ସହ ସ୍ଥାୟୀ ବନ୍ଧୁତ୍ୱକୁ ଅଧିକ ଦୃଢ଼ କରିବାରେ ଭାରତ ଗୁରୁତ୍ୱ ପ୍ରଦାନ କରୁଛି, କହିଲେ ପ୍ରଧାନମନ୍ତ୍ରୀ
- ରାଷ୍ଟ୍ରପତି ଭବନରେ ଆଜି ଅନୁଷ୍ଠିତ ହେବ ରାଜାଜୀ ଉତ୍ସବ
- ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣା ଜନିତ ମୃତ୍ୟୁର ତଦନ୍ତ ସିବିଆଇକୁ ହସ୍ତାନ୍ତର କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ରାଜ୍ୟ ସରକାରଙ୍କ ଅନୁରୋଧ
- ଶିଶୁ ଓ ପାରିବାରିକ ଚଳଚ୍ଚିତ୍ର ବର୍ଗରେ ମଣିପୁରୀ ଚଳଚ୍ଚିତ୍ର 'ବୁଙ୍ଗ୍' ହାସଲ କଲା ବାଫ୍‌ଟା ପୁରସ୍କାର

ଏବଂ

- ପୁରୁଷବର୍ଗ ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଗତକାଲି ଦକ୍ଷିଣ ଆଫ୍ରିକାଠାରୁ ୭୬ ରନ୍‌ରେ ପରାସ୍ତ ହେଲା ଭାରତ

## ପିଏମ୍ ମୋଦୀ-ନେତାନ୍ୟାହୁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଇସ୍ରାଏଲ୍ ସହିତ ସ୍ଥାୟୀ ବନ୍ଧୁତ୍ୱକୁ ଅଧିକ ସୁଦୃଢ଼ କରିବାରେ ଭାରତ ଗୁରୁତ୍ୱ ପ୍ରଦାନ କରୁଛି। ବିଶ୍ୱାସ, ନବସୃଜନ ଏବଂ ଶାନ୍ତି ଓ ପ୍ରଗତି ଉପରେ ଏହା ପର୍ଯ୍ୟବେସିତ ବୋଲି ଶ୍ରୀ ମୋଦୀ କହିଛନ୍ତି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାୟୁଙ୍କ ସାମାଜିକ ଗଣମାଧ୍ୟମ ପୋଷ୍ଟ ଉପରେ ପ୍ରତିକ୍ରିୟାଦେଇ ଶ୍ରୀ ମୋଦୀ ଏହା କହିଛନ୍ତି । ଭାରତ ଏବଂ ଇସ୍ରାଏଲ୍ ମଧ୍ୟରେ ଦୃଢ଼ ସଂପର୍କ ରହିଥିବା ବେଳେ ଉଭୟ ଦେଶ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ନିଜର ଅଙ୍ଗୀକାରବଦ୍ଧତାକୁ ପ୍ରକାଶ କରିଆସିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ତାଙ୍କର ଆଗାମୀ ଇସ୍ରାଏଲ୍ ଗସ୍ତ ସମୟରେ ଶ୍ରୀ ନେତାନ୍ୟାହୁଙ୍କ ସହ ଆଲୋଚନାକୁ ସେ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ଶ୍ରୀ ନେତାନ୍ୟାହୁ କହିଛନ୍ତି, ଦୁଇଦେଶ ମଧ୍ୟରେ ଦୃଢ଼ ସଂପର୍କ ରହିଛି । ଉଭୟ ଦେଶ ନବସୃଜନ, ସୁରକ୍ଷା ଏବଂ ସହଭାଗୀ ରଣନୀତି ଦୃଷ୍ଟିକୋଣରେ ଅଂଶୀଦାର ଅଛନ୍ତି । ଉଭୟପକ୍ଷ ମିଳିତ ଭାବେ ସ୍ଥିରତା ଏବଂ ପ୍ରଗତି ପାଇଁ ଅଙ୍ଗୀକାରବଦ୍ଧ ଥିବା ରାଷ୍ଟ୍ରଗୁଡ଼ିକୁ ସହଯୋଗ ପ୍ରଦାନ କରୁଛନ୍ତି ବୋଲି ସେ କହିଛନ୍ତି ।

## ରାଜାଜୀ ଉତ୍ସବ

ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନରେ ଆଜି ରାଜାଜୀ ଉତ୍ସବ ପାଳନ କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଗତକାଲି ଏ ସଂପର୍କରେ ଆଲୋକପାତ କରି କହିଛନ୍ତି, ସ୍ୱାଧୀନ ଭାରତର

ପ୍ରଥମ ଭାରତୀୟ ଗଭର୍ଣ୍ଣର ଜେନେରାଲ୍ ସି. ରାଜଗୋପାଳଚାରୀଙ୍କ ପ୍ରତିମୂର୍ତ୍ତି ରାଷ୍ଟ୍ରପତି ଭବନର କେନ୍ଦ୍ରୀୟ ପ୍ରାଙ୍ଗଣରେ ପ୍ରତିଷ୍ଠା କରାଯିବ । ବ୍ରିଟିଶ ସ୍ଥପତି ଏଡଓ୍ୱିନ୍ ଲୁଇଟ୍ୟଲ୍ସଙ୍କ ପ୍ରତିମୂର୍ତ୍ତି ସ୍ଥାନରେ ଏହାକୁ ସ୍ଥାପନ କରାଯିବ । ଶ୍ରୀ ମୋଦୀ କହିଛନ୍ତି, ସି.ରାଜଗୋପାଳଚାରୀ ଏପରି ଜଣେ ନେତା ଥିଲେ, ଯିଏକି କ୍ଷମତାକୁ ପଦବୀ ଭାବରେ ନୁହେଁ ବରଂ ସେବାର ଏକ ରୂପ ଭାବରେ ଦେଖୁଥିଲେ । ସ୍ୱାଧୀନତା ପରେ ବ୍ରିଟିଶ ପ୍ରଶାସକଙ୍କ ପ୍ରତିମୂର୍ତ୍ତିକୁ ରାଷ୍ଟ୍ରପତି ଭବନରେ ରଖିବାକୁ ଅନୁମତି ଦିଆଯିବା ଦୁର୍ଭାଗ୍ୟଜନକ ପ୍ରସଙ୍ଗ ରହିଥିଲା । ଦେଶର ମହାନ ବରପୁତ୍ରଙ୍କ ପ୍ରତିମୂର୍ତ୍ତିକୁ ସ୍ଥାନ ଦେବାରେ ଏହା ବଞ୍ଚିତ କରିଥିଲା । ଆସନ୍ତା ମାର୍ଚ୍ଚ ମାସ ପହିଲା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ରାଜାଜୀ ଉତ୍ସବରେ ସି. ରାଜଗୋପାଳଚାରୀଙ୍କ ଉପରେ ଏକ ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହେବ ।

## ଫଡନାବିସ୍-ପ୍ଲେନ୍ କ୍ରାସ୍

ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାଓ୍ୱାରଙ୍କ ଗତମାସରେ ବିମାନ ଦୁର୍ଘଟଣା ଜନିତ ମୃତ୍ୟୁର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରିବାକୁ ରାଜ୍ୟ ସରକାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଅନୁରୋଧ କରିଛନ୍ତି । ମୁମ୍ବାଇଠାରେ ଗତକାଲି ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସ୍ ଏହି ସୂଚନା ଦେଇଛନ୍ତି । ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ଫଡନାବିସ୍ କହିଛନ୍ତି, ମହାୟୁତି ସରକାର ଦୁର୍ଘଟଣା ସଂପର୍କିତ ସମସ୍ତ ସନ୍ଦେହ ଦୂର କରିବା ଦିଗରେ ପଦକ୍ଷେପ ଗ୍ରହଣ କରୁଛି । ବିଜେପିର ସହଯୋଗୀ ଏନ୍ସିପି ଦଳ ପକ୍ଷରୁ ବିମାନ ଦୁର୍ଘଟଣାର ସିବିଆଇ ତଦନ୍ତ ପାଇଁ ଏକ ଅନୁରୋଧପତ୍ର

ପାଇଛନ୍ତି ବୋଲି ଶ୍ରୀ ଫଡନାବିସ୍ ସୂଚନା ଦେବା ସହ ଏସଂପର୍କରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହାଙ୍କ ସହ ଆଲୋଚନା କରିଛନ୍ତି । ଡିଜିସିଏ ଏବଂ ରାଜ୍ୟ ସି.ଆଇ.ଡି. ଏହାର ତଦନ୍ତ କରୁଥିଲେ ମଧ୍ୟ ସିବିଆଇ ଦ୍ୱାରା ତଦନ୍ତ କରିବା ପାଇଁ ଶ୍ରୀ ଫଡନାବିସ୍ ଅନୁରୋଧ କରିଛନ୍ତି । ଗତମାସ ୨୮ ତାରିଖରେ ପୁଣେ ଜିଲ୍ଲାର ବାରାମତୀ ନିକଟରେ ଅବତରଣ କରିବା ସମୟରେ ଚାଟାର୍ଡ ବିମାନଟି ଦୁର୍ଘଟଣାଗ୍ରସ୍ତ ହେବାରୁ ଅଜିତ ପାୱାରଙ୍କ ସମେତ ଅନ୍ୟ ୪ ଜଣଙ୍କର ମୃତ୍ୟୁ ହୋଇଥିଲା । ଶ୍ରୀ ଫଡନାବିସ୍ କହିଛନ୍ତି, ଡିଜିସିଏ’ ଭିଏସ୍ଆର୍ କମ୍ପାନୀର ଅଡିଟ୍ କରିବା ସହିତ ଏହାର ଉଡ଼ାଣ ସଂପର୍କିତ ସମସ୍ତ ନଥିପତ୍ର ଯାଞ୍ଚ କରୁଛି ।

## ଜୟନ୍ତ ଚୌଧୁରୀ-କ୍ୟାମ୍ପେନ୍

ଦକ୍ଷ ଭାରତ ଡିଜିଟାଲ୍ କେନ୍ଦ୍ର ଅଧୀନରେ ଦେଶର ଡିଜିଟାଲ ଦକ୍ଷତାକୁ ଅଧିକ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ଏକ ଅଭିଯାନକୁ ଦକ୍ଷତା ବିକାଶ ଓ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ଶୁଭାରମ୍ଭ କରିଛନ୍ତି । ‘ବଢ଼ନା ହୈ ତୋ ୟହ ଜୋଡ଼ନା ହୈ’ ଶୀର୍ଷକ ଅଭିଯାନକୁ ସମ୍ବୋଧନ କରି ଶ୍ରୀ ଚୌଧୁରୀ କହିଛନ୍ତି, ଇଣ୍ଡିଆ ଷ୍ଟାକ୍ ଏବଂ ଦକ୍ଷ ଭାରତ ଡିଜିଟାଲ୍ ହବ୍ ଭଳି ପରିବର୍ତ୍ତନକାରୀ ପଦକ୍ଷେପ ଦ୍ୱାରା ଦେଶର ଡିଜିଟାଲ ଦକ୍ଷତା ବିଶ୍ୱସ୍ତରରେ ସ୍ୱୀକୃତି ପାଇଛି । ଏହି ପ୍ଲାଟଫର୍ମର ଉପଯୋଗ ଦ୍ୱାରା ସାର୍ବଜନୀନ ସେବା ଏବଂ ଦକ୍ଷତା ବିକାଶ କ୍ଷେତ୍ର ଅଧିକ ତ୍ୱରାନ୍ୱିତ ହୋଇପାରିଛି । ଅଭିଯାନରେ ସାମିଲ ହେବାକୁ ମନ୍ତ୍ରୀ ଶ୍ରୀ ଚୌଧୁରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ ଦେଇଥିବା ସୂଚନା

ଅନୁଯାୟୀ, ଦକ୍ଷତା, ନିଯୁକ୍ତିକ୍ଷେତ୍ର ଏବଂ ଜୀବନବ୍ୟାପୀ ଜ୍ଞାନଆହରଣ ଲକ୍ଷ୍ୟ ନେଇ ସମନ୍ୱିତ ଡିଜିଟାଲ ପ୍ଲାଟଫର୍ମ-ଏସ୍.ଆଇ.ଡି.ଏଚ୍.କୁ ଅଧିକ ବ୍ୟାପକ କରିବା ଏହି ଅଭିଯାନର ମୂଳଲକ୍ଷ୍ୟ ।

## ଏମ୍ଇଏ-ଆଫଗାନିସ୍ତାନ

ଆଫଗାନିସ୍ତାନରେ ପାକିସ୍ତାନର ବିମାନ ଆକ୍ରମଣକୁ ଭାରତ ଦୃଢ଼ ନିନ୍ଦା କରିଛି । ଏ ସଂପର୍କିତ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ରମଜାନ ମାସ ଚାଲିଥିବା ବେଳେ ଏହି ଆକ୍ରମଣରେ ମହିଳା ଓ ଶିଶୁଙ୍କ ସମେତ ସାଧାରଣ ନାଗରିକଙ୍କର ମୃତ୍ୟୁ ହୋଇଛି । ଆଭ୍ୟନ୍ତରୀଣ ବିଫଳତାକୁ ବାହ୍ୟ ରୂପ ପ୍ରଦାନ କରିବା ନେଇ ପାକିସ୍ତାନର ଏହା ଏକ ପ୍ରୟାସ ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି । ଆଫଗାନିସ୍ତାନର ସାର୍ବଭୌମତ୍ୱ, ଆଞ୍ଚଳିକ ସୁରକ୍ଷା ଏବଂ ସ୍ୱାଧୀନତା ପ୍ରତି ଭାରତର ଦୃଢ଼ ସମର୍ଥନ ରହିଛି ବୋଲି ସେ କହିଛନ୍ତି ।

## ବାଫ୍ଟା- ଆୱାର୍ଡ

ଅଣାଅଶୀତମ ବ୍ରିଟିଏ ଏକାଡେମୀ ଫିଲ୍ମ ପୁରସ୍କାର-ବାଫ୍ଟା ସମାରୋହ ଗତକାଲି ଅନୁଷ୍ଠିତ ହୋଇଛି । ଶିଶୁ ଏବଂ ପାରିବାରିକ ଚଳଚ୍ଚିତ୍ର ବର୍ଗରେ ମଣିପୁରୀ ଚଳଚ୍ଚିତ୍ର 'ବୁଙ୍ଗ୍' ପୁରସ୍କାର ହାସଲ କରିଛି । ଫରହାନ୍ ଅଖ୍ତରଙ୍କ ଏକ୍ସେଲ ଏଣ୍ଟରଟେନ୍ମେଣ୍ଟ ବ୍ୟାନରରେ ପ୍ରସ୍ତୁତ ଏହି

ଚଳଚ୍ଚିତ୍ରକୁ ଲକ୍ଷ୍ମୀପ୍ରିୟା ଦେବୀ ନିର୍ଦ୍ଦେଶନା ଦେଇଛନ୍ତି । ଅଖତର ଏବଂ ରିତେଶ ସିଧଓ୍ୱାନୀ ଚଳଚ୍ଚିତ୍ରର ପ୍ରଯୋଜନା କରିଥିଲେ ।

'ଓ୍ୱାନ୍ ବ୍ୟାଟଲ୍ ଆଫ୍ଟର ଆନାଦର' ଚଳଚ୍ଚିତ୍ର ଏଥିରେ ପ୍ରାଧାନ୍ୟ ବିସ୍ତାର କରିଛି । ଚଳଚ୍ଚିତ୍ରର ନିର୍ଦ୍ଦେଶକ ପଲ୍ ଥମାସ୍ ଆଣ୍ଡରସନ୍ ଶ୍ରେଷ୍ଠ ନିର୍ଦ୍ଦେଶକ ଏବଂ ସିଆନ୍‌ପେନ୍ ଶ୍ରେଷ୍ଠ ସହ-ଅଭିନେତା ଭାବେ ପୁରସ୍କୃତ ହୋଇଥିବା ବେଳେ ସ୍କ୍ରିନ୍ ପ୍ଲେ ଏବଂ ସିନେମାଟୋଗ୍ରାଫି ବର୍ଗରେ ମଧ୍ୟରେ ଏହା ଶ୍ରେଷ୍ଠ ଚଳଚ୍ଚିତ୍ର ବର୍ଗରେ ସ୍ଥାନ ପାଇଛି । ଦୁଇଟି ଚଳଚ୍ଚିତ୍ର 'ସିନର୍ସ' ଏବଂ 'ଫ୍ରାଙ୍କେନ୍‌ଷ୍ଟାଇନ୍' ୩ଟି ଲେଖାଏଁ ପୁରସ୍କାର ପାଇଛନ୍ତି। 'ସିନର୍ସ' ଚଳଚ୍ଚିତ୍ର ପାଇଁ ଉନ୍ମୀମୋସାଙ୍କୁ ଶ୍ରେଷ୍ଠ ସହାୟକ ଅଭିନେତ୍ରୀ ଭାବେ ପୁରସ୍କାର ପ୍ରଦାନ କରାଯାଇଛି ।

'ହାମ୍‌ନେଟ୍' ଚଳଚ୍ଚିତ୍ର ପାଇଁ ଜେସି ବକ୍ଲି ଶ୍ରେଷ୍ଠ ଅଭିନେତ୍ରୀ ଏବଂ 'ଆଇସ୍ୱେର୍' ଚଳଚ୍ଚିତ୍ର ପାଇଁ ରୋବୋର୍ଟ ଆରାମାୟୋ ଶ୍ରେଷ୍ଠ ଅଭିନେତା ଭାବେ ପୁରସ୍କାର ପାଇଛନ୍ତି । ଲଣ୍ଡନ୍‌ର ରୟାଲ୍ ଫେଷ୍ଟିଭାଲ୍ ହଲ୍‌ଠାରେ ଗତକାଲି ଅନୁଷ୍ଠିତ ଏହି ସମାରୋହରେ ପ୍ରିନ୍ସ ଓ୍ୱିଲିୟମ୍‌ସ ଏବଂ ଓ୍ୱେଲ୍‌ସ୍ ରାଜକୁମାରୀ କ୍ୟାଥରିନ୍‌ଙ୍କ ସମେତ ହଲିଉଡ୍ ଏବଂ ବ୍ରିଟିଶ ଚଳଚ୍ଚିତ୍ର ଜଗତର ବହୁ କଳାକାର ଯୋଗ ଦେଇଥିଲେ ।

# ଟ୍ରମ୍ପ ରେସିଡେନ୍ସ-ସୁଟିଂ

ଆମେରିକାର ଫ୍ଲୋରିଡାସ୍ଥିତ ପାମ୍ ବିଚ୍‌ରେ ରାଷ୍ଟ୍ରପତି  ଡୋନାଲ୍‌ଡ ଟ୍ରମ୍ପଙ୍କ 'ମାର୍-ଏ-ଲାଗୋ' ବାସଭବନରେ ଜଣେ ସଶସ୍ତ୍ର ବ୍ୟକ୍ତିକୁ ଗୁଳିମାଡ଼ କରାଯାଇଥିବା ସେଠିକାର ଗୁଇନ୍ଦା ସଂସ୍ଥା ସୂଚନା ଦେଇଛି । ବାସଭବନର ସୁରକ୍ଷିତ ପରିସର ଭେଦ କରି ଏହି ସଶସ୍ତ୍ର ବ୍ୟକ୍ତି ସେଠାରେ ପ୍ରବେଶ କରିଥିଲା । ତେବେ ରାଷ୍ଟ୍ରପତି ଟ୍ରମ୍ପ ଏବଂ ପ୍ରଥମ ମହିଳା ମେଲାନିଆ ଟ୍ରମ୍ପ ସେହି ସମୟରେ ହ୍ୱାଇଟ୍ ହାଉସ୍‌ରେ ଅବସ୍ଥାନ କରୁଥିଲେ । ନିହତ ବ୍ୟକ୍ତି ଉତ୍ତର କାରୋଲିନାର କ୍ୟାମେରୁନ୍‌ର ୨୧ ବର୍ଷୀୟ ଅଷ୍ଟିନ୍ ଟକ୍କର ମାର୍ଟିନ୍ ବୋଲି ଚିହ୍ନଟ କରାଯାଇଛି । ମାର୍ଟିନ ଏକ ବନ୍ଧୁକ ଏବଂ ଗ୍ୟାସ୍ କେନ୍ ସହ ସେଠାରେ ପ୍ରବେଶ କରିଥିଲା । କିଛିଦିନ ପୂର୍ବରୁ ତାଙ୍କ ପରିବାର ପକ୍ଷରୁ ସେ ନିଖୋଜ ଥିବା ନେଇ ରିପୋର୍ଟ କରାଯାଇଥିଲା ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ  **କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଡିପ୍‌ଫେକ୍ ରୁ ସୁରକ୍ଷିତ ରହିବା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ସାଇବର ଆଇନ ବିଶେଷଜ୍ଞ ଡକ୍ଟର ପବନ ଦୁଗଲ୍ ଏବଂ ସାଇବର ସୁରକ୍ଷା ବିଶେଷଜ୍ଞ ଡକ୍ଟର ଅନୁପ ଗିରିଧର ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ  011-23717117, 23314444, 23310481  ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା

ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ଟି-୨୦

ଆଇସିସି ପୁରୁଷ ବର୍ଗ ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଭାରତ ଗତକାଲି ଦକ୍ଷିଣଆଫ୍ରିକାଠାରୁ ପରାସ୍ତ ହୋଇଛି । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ସୁପର୍-୮ ପର୍ଯ୍ୟାୟର ଏହି ମ୍ୟାଚ୍‌ରେ ଭାରତ ୭୬ ରନ୍‌ରେ ପରାସ୍ତ ହୋଇଛି । ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୭ ଓ୍ୱିକେଟ୍ ବିନିମୟରେ ୧୮୭ ରନ୍ ସଂଗ୍ରହ କରିଥିଲା । ଡେଭିଡ୍ ମିଲାର୍ ୩୫ ବଲ୍‌ରୁ ସର୍ବାଧିକ ୬୩ ରନ୍ ସଂଗ୍ରହ କରିଥିଲେ । ୧୮୮ ରନ୍‌ର ବିଜୟ ଲକ୍ଷକୁ ପିଛା କରି ଭାରତ ୧୮ ଓଭର୍ ୫ଟି ବଲ୍‌ରେ ସମସ୍ତ ଓ୍ୱିକେଟ୍ ହରାଇ ୧୧୧ ରନ୍ କରିଥିଲା । ଡେଭିଡ୍ ମିଲର୍‌ଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି ।

ଗତକାଲି ସୁପର୍-୮ ପର୍ଯ୍ୟାୟର ଅନ୍ୟ ଏକ ମ୍ୟାଚ୍‌ରେ ଇଂଲଣ୍ଡ' ଶ୍ରୀଲଙ୍କାକୁ ୫୧ ରନ୍‌ରେ ପରାସ୍ତ କରିଥିଲା । ପାଲେକେଲେ ଆନ୍ତର୍ଜାତିକ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ଶ୍ରୀଲଙ୍କା' ଇଂଲଣ୍ଡକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭର୍‌ରେ ୯ ଓ୍ୱିକେଟ୍ ବିନିମୟରେ ୧୪୬ ରନ୍ ସଂଗ୍ରହ କରିଥିଲା। ଶ୍ରୀଲଙ୍କା ୧୬

ଓଭର୍ ଗୋଟିଏ ବଲ୍‌ରେ ସମସ୍ତ ୱିକେଟ୍ ହରାଇ ମାତ୍ର ୯୫ ରନ୍ ସଂଗ୍ରହ କରିଥିଲା ।

ଆଜି ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ସନ୍ଧ୍ୟା ୭ଟାରେ ୱେଷ୍ଟଇଣ୍ଡିଜ୍ ଓ ଜିମ୍ବାୱେ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

# ହକି

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ପ୍ରତିଯୋଗିତାରେ ଭାରତୀୟ ପୁରୁଷ ଦଳ ଅଷ୍ଟ୍ରେଲିଆ ଠାରୁ ଗତକାଲି ପରାସ୍ତ ହୋଇଛି । ତାସ୍‌ମାନିଆଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ନିର୍ଦ୍ଧାରିତ ସମୟରେ ୨-୨ ଗୋଲ୍ ହେବାରୁ ପେନାଲ୍‌ଟି ସୁଟ୍‌ଆଉଟ୍ ଜରିଆରେ ଖେଳ ନିଷ୍ପତ୍ତି ହୋଇଥିଲା । ଅଷ୍ଟ୍ରେଲିଆ ୫-୪ ଗୋଲ୍‌ରେ ଭାରତକୁ ପରାସ୍ତ କରିଛି । ପରବର୍ତ୍ତୀ ମ୍ୟାଚ୍‌ରେ ଭାରତ ଆସନ୍ତାକାଲି ସ୍ପେନ୍‌କୁ ଭେଟିବ ।